# NATIONAL NEWS BULLETIN (ODIA)

**18 July - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ ଏନ୍. କୋଟିଶ୍ୱର ସିଂହ ଏବଂ ଆର୍ ମହାଦେବନ ।

- ଓମାନ ଉପକୂଳରେ ବୁଡ଼ିଯାଇଥିବା ତେଲ ଟ୍ୟାଙ୍କରରୁ ୯ ଭାରତୀୟ ଉଦ୍ଧାର, ଜଣେ ମୃତ ।

- ସୁପ୍ରିମକୋର୍ଟରେ ଆଜି ଶୁଣାଣି ହେବ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ସମ୍ବନ୍ଧିତ ୪୦ରୁ ଅଧିକ ଆବେଦନ ।

- କର୍ଣ୍ଣାଟକ ଭୂ-ସ୍ଖଳନ ଘଟଣାରେ ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଏସିଆକପ୍ ମହିଳା ଟି-୨୦ ପ୍ରତିଯୋଗିତା ।

---

## ଏସ୍.ସି.-ନୂଆ ବିଚାରପତି

ସୁପ୍ରିମ୍‌କୋର୍ଟର ଦୁଇ ଜଣ ନୂଆ ବିଚାରପତି ଆଜି ଶପଥ ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ନୋଙ୍ଗମେଇକାପମ୍ କୋଟିଶ୍ୱର ସିଂହ ଏବଂ ଜଷ୍ଟିସ୍ ଆର୍. ମହାଦେବନ୍‌ଙ୍କୁ

ଶପଥ ପାଠ କରାଇଛନ୍ତି । ଗତ ମଙ୍ଗଳବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲେ । ଏହି ଦୁଇ ବିଚାରପତିଙ୍କ ନିଯୁକ୍ତି ପରେ ସୁପ୍ରିମ୍‌କୋର୍ଟରେ ପ୍ରଧାନ ବିଚାରପତିଙ୍କ ସମେତ ୩୪ ଜଣ ବିଚାରପତି ରହିବେ । ସୁପ୍ରିମ୍‌କୋର୍ଟ୍ କଲେଜିୟମ୍ ଜାମ୍ମୁ କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଏନ୍. କୋଟିଶ୍ୱର ସିଂହ ଏବଂ ମାଡ୍ରାସ୍ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ଆର୍. ମହାଦେବନ୍‌ଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ପଦୋନ୍ନତି ପାଇଁ ସୁପାରିଶ କରିଥିଲେ । ଜଷ୍ଟିସ୍ ସିଂହ ହେଉଛନ୍ତି ମଣିପୁର ରାଜ୍ୟର ପ୍ରଥମ ବିଚାରପତି, ଯିଏ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି । ସୁପ୍ରିମ୍‌କୋର୍ଟରେ ଦୁଇଟି ପଦବୀ ଖାଲି ପଡ଼ିଥିବାରୁ ଏହି ଦୁଇ ବିଚାରପତିଙ୍କ ପଦୋନ୍ନତି ପାଇଁ ସୁପାରିଶ କରାଯାଇଥିଲା । ଜଷ୍ଟିସ୍ ଅନିରୁଦ୍ଧ ବୋଷ ଚଳିତ ବର୍ଷ ଏପ୍ରିଲ୍ ୧୦ରେ ଏବଂ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ମେ ୧୯ରେ ଅବସର ଗ୍ରହଣ କରିଥିଲେ ।

## ତେଲ ଟ୍ୟାଙ୍କର

ଓମାନ୍ ଉପକୂଳରେ ବୁଡ଼ିଯାଇଥିବା ତେଲ ଟ୍ୟାଙ୍କ୍‌ରରେ ଥିବା ୮ ଜଣ ଭାରତୀୟଙ୍କ ସମେତ ୧୦ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ୧୦ ଜଣଙ୍କ ମଧ୍ୟରେ ୯ଜଣ ଜୀବିତ ଥିବାବେଳେ

ଜଣେ ଭାରତୀୟଙ୍କର ମୃତଦେହ ରହିଛି । ସେହି ୯ଜଣଙ୍କ ମଧ୍ୟରେ ୮ଜଣ ଭାରତୀୟ ଓ ଜଣେ ଶ୍ରୀଲଙ୍କାର ନାଗରିକ ଅଛନ୍ତି ।

ଚଳିତ ମାସ ୧୫ରେ ଓମାନ୍‌ର ରାସ ମାଦ୍ରାକା ଠାରୁ ପ୍ରାୟ ୨୫ ନଟିକାଲ୍ ମାଇଲ୍ ଦକ୍ଷିଣ ପୂର୍ବ ଦିଗରେ ଏକ ତୈଳବାହି ଜାହାଜ ବୁଡ଼ିଯିବା ପରେ ଜୁଲାଇ ୧୬ରୁ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ସହାୟତାରେ ଅନୁସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେହି ତେଲ ଟ୍ୟାଙ୍କର୍‌ରେ ୧୩ ଜଣ ଭାରତୀୟ ଏବଂ ୩ ଜଣ ଶ୍ରୀଲଙ୍କା ନାଗରିକ ଥିଲେ । ଅନ୍ୟ ୬ଜଣଙ୍କୁ ଉଦ୍ଧାର କରିବା ଲାଗି ପ୍ରଚେଷ୍ଟା ଜାରି ରହିଛି । ସେହି ଅଞ୍ଚଳରେ ସମୁଦ୍ର ଅତ୍ୟଧିକ ଅଶାନ୍ତ ରହୁଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହେଉଛି । ଭାରତୀୟ ନୌସେନାର ଯୁଦ୍ଧ ବିମାନ ପି-୮.ଆଇ. କ୍ରୁ ସଦସ୍ୟମାନଙ୍କୁ ଖୋଜିବା ଲାଗି ବ୍ୟବହାର କରାଯାଉଛି । ଇତିମଧ୍ୟରେ ଓମାନ୍‌ରେ ଥିବା ଭାରତୀୟ ଦୂତାବାସ ସେଠାକାର କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ଜଣାପଡ଼ିଛି । ୧୧୭ ମିଟର ଲମ୍ବ ତୈଳବାହୀ ଜାହାଜଟି ମଝି ସମୁଦ୍ରରେ ବୁଡ଼ିଯିବାର କାରଣ ସମ୍ପର୍କରେ ଅନୁସନ୍ଧାନ ଜାରି ରହିଛି ।

## ବାଂଲାଦେଶ ବନ୍ଦ

ବାଂଲାଦେଶରେ ସରକାରୀ ଚାକିରୀରେ ସଂରକ୍ଷଣକୁ ବିରୋଧ କରି ଚାଲିଥିବା ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯାଇଛି । ଆନ୍ଦୋଳନ ସମନ୍ୱୟ ସମିତି ପକ୍ଷରୁ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ ହୋଇଥିବା ଆକ୍ରମଣର ବିରୋଧ ପୂର୍ବକ ଆଜି ସାରା ଦେଶରେ ବନ୍ଦ ଡାକରା ଦେଇଛି । ସମନ୍ୱୟ ସମିତି, ହସ୍ପିଟାଲ ଏବଂ ଅନ୍ୟ ଜରୁରୀକାଳୀନ ସେବାଗୁଡ଼ିକୁ ଏଥିରୁ ବାଦ୍ ଦେଇଥିବା ଜଣାପଡିଛି ।

ଆଜି ସକାଳେ ସଂରକ୍ଷଣ ନୀତିର ବିରୋଧ କରୁଥିବା ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଜଣେ ଯୁବକର ମୃତ୍ୟୁ ହେବା ସହ ଦେଶର ବିଭିନ୍ନ ଅଞ୍ଚଳରେ ଅନେକ ଲୋକ ଆହତ ହୋଇଛନ୍ତି । ଆଇନ୍‌କାନୁନ୍ ବ୍ୟବସ୍ଥା ବଜାୟ ରଖିବା ଲାଗି ସାରା ଦେଶରେ ବିଭିନ୍ନ ପୋଲିସ ସଂସ୍ଥା ଏବଂ ବାଂଲାଦେଶ ବର୍ଡର ଗାର୍ଡ ପକ୍ଷରୁ ୨ଶହ ଅଣତିରିଶ ପ୍ଲାଟୁନ ସୁରକ୍ଷାକର୍ମୀ ମୁତୟନ କରାଯାଇଛି । ଇତିମଧ୍ୟରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଗତକାଲି ୬ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ ଘୋଷଣା କରିଛନ୍ତି ।

ସରକାରୀ ଚାକିରିରେ ସଂରକ୍ଷଣ ସଂସ୍କାର ଦାବିରେ ଉଭୟ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଚଳିତ ମାସ ପହିଲାରୁ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଇତିମଧ୍ୟରେ ବାଂଲାଦେଶର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ବିଶ୍ୱବିଦ୍ୟାଳୟ, ଅନୁବନ୍ଧିତ କଲେଜ୍ ଓ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁଯାୟୀ ବାଂଲାଦେଶ ସ୍ୱାଧୀନ ହେବା ପରେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ସରକାରୀ ଚାକିରିରେ ୩୦ ପ୍ରତିଶତ ସଂରକ୍ଷଣ ଥିଲା । ୨୦୧୦ରେ ସ୍ୱାଧୀନତା ସଂଗ୍ରାମୀଙ୍କ ନାତିନାତୁଣୀଙ୍କୁ ଏହି ସଂରକ୍ଷଣ ନୀତିରେ ସାମିଲ କରାଯାଥିଲା । ୨୦୧୮ ମସିହାରେ ଏହାକୁ ବିରୋଧ କରାଯିବା ଫଳରେ ପ୍ରଥମ ଦ୍ୱିତୀୟ ଶ୍ରେଣୀ ଚାକିରି ପାଇଁ କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ସହ ୩୦ ପ୍ରତିଶତ ସଂରକ୍ଷଣ ବନ୍ଦ କରାଯାଇଥିଲା । ତେବେ ଗତ ମାସ ୫ ତାରିଖରେ ବାଂଲାଦେଶ ହାଇକୋର୍ଟ ଏହି ନିର୍ଦ୍ଦେଶକୁ ବେଆଇନ୍ ଘୋଷଣା କରିବା ପରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଆନ୍ଦୋଳନ ଆରମ୍ଭ କରିଥିଲେ ।

## ଏସ୍‌ସି - ନିଟ୍

ସୁପ୍ରିମକୋର୍ଟରେ ଆଜି ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ସମ୍ବନ୍ଧିତ ଆବେଦନ ଗୁଡ଼ିକର ଶୁଣାଣି ହେବ । ଗତ ୧୧ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି ହେବାର ଥିଲେ ମଧ୍ୟ ସମସ୍ତ ପକ୍ଷଙ୍କ ନିକଟରେ ସରକାରଙ୍କ ସତ୍ୟପାଠ ପହଞ୍ଚି ନଥିବାରୁ ଏହାର ଶୁଣାଣିକୁ ୧୮ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଆଜି ଶୁଣାଣି ହେବାକୁ ଥିବା ଆବେଦନ ଗୁଡ଼ିକ ମଧ୍ୟରେ ନିଟ୍ ପରୀକ୍ଷା ରଦ୍ଦ କରିବା, ନିଟ୍ ପୁନଃ ପରୀକ୍ଷା କରିବା ଏବଂ ପ୍ରଶ୍ନପତ୍ର ପ୍ରଘଟ ସହ ଜଡିତ ବିଷୟ ରହିଛି । ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ.

ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି. ପାର୍ଡିଓ୍ୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ୪୦ରୁ ଅଧିକ ନିଟ୍ ସମ୍ବନ୍ଧିତ ଆବେଦନର ଏକତ୍ର ଶୁଣାଣି କରିବେ ।

## କର୍ଣ୍ଣାଟକ-ଲ୍ୟାଣ୍ଡସଲାଇଡ୍

କର୍ଣ୍ଣାଟକ ଭୂ-ସ୍ଖଳନ ଘଟଣାରେ ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ପାଇଛି । ଉତ୍ତର କନ୍ନଡ ଜିଲ୍ଲା ଅଙ୍କୋଲା ତାଲୁକ ଅନ୍ତର୍ଗତ ସିରୁର ୬୬ନମ୍ବର ଜାତୀୟ ରାଜପଥ ନିକଟରେ ଘଟିଥିବା ଭୂ-ସ୍ଖଳନ ସ୍ଥାନରେ ରାସ୍ତା ସଫା କରିବା ଲାଗି କାମ ଚାଲିଥିବାବେଳେ ଆଉ ୨ଟି ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ମଧ୍ୟରେ ଜଣେ ତେଲ ଟ୍ୟାଙ୍କର ଚାଳକ ହୋଇଥିବାବେଳେ ଅନ୍ୟଜଣେ ୬ ବର୍ଷୀୟ ଅବନ୍ତିକା ନାୟକ ବୋଲି ଜଣାପଡିଛି । ଇତିମଧ୍ୟରେ ଏନ୍.ଡି.ଆର୍.ଏଫ୍ ପକ୍ଷରୁ ସଂପୃକ୍ତ ଅଞ୍ଚଳରେ ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭୂ-ସ୍ଖଳନ ଘଟିଥିବା ସ୍ଥାନରେ ପ୍ରବଳ ମାତ୍ରାରେ ପଥର ଏବଂ କାଦୁଅ ଜମା ହୋଇ ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଗତ ମଙ୍ଗଳବାର ଦିନ ଅଚାନକ ଭୂ-ସ୍ଖଳନ ଘଟି ୨ଟି ଚା' ଦୋକାନ ସମେତ ୨ଟି ଟ୍ୟାଙ୍କର ପୋତି ହୋଇ ଯାଇଥିଲା । ସଂପୃକ୍ତ ସ୍ଥାନରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି ।

## ବାଇଡେନ୍-କୋଭିଡ

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଲସ୍ ଭେଗାସ୍‌ରେ ନିର୍ବାଚନୀ ପ୍ରଚାର କରିବା ପରେ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି । ରାଷ୍ଟ୍ରପତି ବାଇଡେନ୍ କରୋନା ଟୀକା ନେଇସାରିଛନ୍ତି । କରୋନାର ସାମାନ୍ୟ ଲକ୍ଷଣ ବାଇଡେନ୍‌ଙ୍କ ଠାରେ ପ୍ରକାଶ ପାଇଛି । ହ୍ୱାଇଟ୍ ହାଉସ୍‌ର ପ୍ରେସ୍ ସଚିବ କେରିନ୍ ଜିନ୍ ପିୟର କହିଛନ୍ତି କିଛିଦିନ ପାଇଁ ରାଷ୍ଟ୍ରପତି ବାଇଡେନ୍ ସମସ୍ତଙ୍କଠାରୁ ଅଲଗା ରହି ଏବଂ ନିଜ କାର୍ଯ୍ୟ କରିବେ । ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟ ବିଷୟରେ ନିୟମିତ ସୂଚନା ଦିଆଯିବ ବୋଲି ସେ କହିଛନ୍ତି ।

## ବେଲାରୁଷ-ଭିସା ଫ୍ରି

ବେଲାରୁଷର ବିଦେଶ ମନ୍ତ୍ରଣାଳୟ ୩୫ଟି ୟୁରୋପୀୟ ଦେଶ ପାଇଁ ଭିସାମୁକ୍ତ ନୀତି ଘୋଷଣା କରିଛି । ଏହି ନିଷ୍ପତ୍ତି ଆସନ୍ତାକାଲିଠାରୁ ଲାଗୁ ହେବ ଏବଂ ଚଳିତବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ । ବ୍ରିଟେନ୍ ସମେତ ୟୁରୋପୀୟ ସଂଘର ୩୫ଟି ସଦସ୍ୟ ଦେଶର ନାଗରିକମାନେ ଭିସା ନଥିଲେ ମଧ୍ୟ ୩୦ଦିନ ପର୍ଯ୍ୟନ୍ତ ବେଲାରୁଷରେ ରହିପାରିବେ ।

## ଛତିଶଗଡ-ମାଓ ଆଟାକ

ଛତିଶଗଡରେ ଗତକାଲି ବିଳମ୍ବିତ ରାତିରେ ମାଓବାଦୀ ଆକ୍ରମଣରେ ୨ଜଣ ଯବାନ ଶହିଦ ହୋଇଛନ୍ତି । ଏଥିରେ ୪ଜଣ ଯବାନ ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ବିଜାପୁର ଏବଂ ସୁକୁମା ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରେ ଯାଞ୍ଚ ଅଭିଯାନ ଚାଲିଥିବାବେଳେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ । ଆହତ ଜବାନମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଗତକାଲି ମହାରାଷ୍ଟ୍ରରେ ଗଡଚିରୋଲି ଜିଲ୍ଲା ଛତିଶଗଡ ସୀମା ନିକଟରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିମିନିମୟ ଘଟି ୧୨ଜଣ ମାଓବାଦୀ ନିହତ ହୋଇଥିଲେ । ଏଥିରେ ୨ଜଣ ପୁଲିସ କର୍ମୀ ମଧ୍ୟ ଆହତ ହୋଇଥିବା ଜଣାପଡିଛି । ମୃତ ମାଓବାଦୀଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ଅଛନ୍ତି । ଘଟଣାସ୍ଥଳରୁ ୩ଟି ଏକେ-୪୭, ଦୁଇଟି ଇନ୍‌ସାସ୍ ଓ ଗୋଟିଏ ସେଲ୍‌ଫ ଲୋଡିଂ ରାଇଫଲ ଜବତ କରାଯାଇଛି ।

## ଜୟଶଙ୍କର-ଜନୌଷଧି

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ମରିସସ୍‌ରେ ପ୍ରଥମ ଜନୌଷଧି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ମରିସସ୍‌ରେ ଭାରତର ଏହା ପ୍ରଥମ ଜନୌଷଧି କେନ୍ଦ୍ର । ଉଦ୍‌ଘାଟନ ଅବସରରେ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ମଧ୍ୟ ଉପସ୍ଥିତ ଥିଲେ ।

ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଜରିଆରେ ଡକ୍ଟର ଜୟଶଙ୍କର କହିଛନ୍ତି ମରିସସ୍‌ରେ ଜନୌଷଧି କେନ୍ଦ୍ର ସ୍ଥାପନ ବିଷୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଓ ଏବେ ତାହା ପୂରଣ କରାଯାଉଛି । ସେ କହିଛନ୍ତି ଭାରତ-ମରିସସ୍ ସ୍ୱାସ୍ଥ୍ୟ ସହଯୋଗ ଯୋଜନା ଅନ୍ତର୍ଗତ ଭାରତରେ ଉତ୍ପାଦିତ ସୁଲଭ ମୂଲ୍ୟରେ ଔଷଧ ସେହି ଜନୌଷଧି କେନ୍ଦ୍ରରେ ମିଳିବ । ଏହା ପୂର୍ବରୁ ଡକ୍ଟର ଜୟଶଙ୍କର ମରିସସ୍‌ରେ ଏକ ମେଡ଼ି କ୍ଲିନିକ୍‌ର ଉଦ୍‌ଘାଟନ କରିଥିଲେ । ଭାରତ ସହାୟତାରେ ସେହି ମେଡ଼ି କ୍ଲିନିକ୍ ନିର୍ମାଣ କରାଯାଇଛି, ଯାହା ୧୬ହଜାର ଲୋକଙ୍କୁ ସ୍ୱତନ୍ତ୍ର ମେଡ଼ିକାଲ ଚିକିତ୍ସା ସେବା ଯୋଗାଇ ଦେବ ।

## ମହିଳା କ୍ରିକେଟ୍

ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ଆସନ୍ତାକାଲିଠାରୁ ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆରମ୍ଭ ହେବ । ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ରଣଗିରି ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଗ୍ରୁପ୍-ଏର ୟୁ.ଏ.ଇ. ଏବଂ ନେପାଳ ମଧ୍ୟରେ ଅନୁଷ୍ଠିତ ହେବ । ଏହା ପରେ ଗ୍ରୁପ୍-ଏରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ଗ୍ରୁପ୍-ଏରେ ଭାରତ, ପାକିସ୍ତାନ, ନେପାଳ ଏବଂ

ୟୁ.ଏ.ଇ. ଥିବା ବେଳେ ଗ୍ରୁପ୍-ବିରେ ଶ୍ରୀଲଙ୍କା, ବଂଲାଦେଶ, ଥାଇଲାଣ୍ଡ ଏବଂ ମାଲେସିଆ ଅଛନ୍ତି । ପ୍ରତିଯୋଗିତାର ସେମିଫାଇନାଲ୍ ଜୁଲାଇ ୨୬ରେ ଏବଂ ଫାଇନାଲ୍ ଜୁଲାଇ ୨୮ରେ ଅନୁଷ୍ଠିତ ହେବ ।